## ସଂକ୍ଷେପରେ

### ଜାଲ ଗ୍ରାମବାସୀଙ୍କ ଭୋଟ ବର୍ଜନ

**ପାରଳାଖେମୁଣ୍ଡି,୨୦।୨(ଡି.ଏନ୍.ଏ.):** ରାୟଗଡ ବ୍ଲକ ଏଙ୍ଗାରସିଂ ପଞ୍ଚାୟତର ଜାଲ ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି। ପଞ୍ଚାୟତ ପୁର୍ନଗଠନ ବେଳେ ଏହି ଗ୍ରାମକୁ ଲୋଭା ପଞ୍ଚାୟତରୁ ଅଲଗା କରି ଏଙ୍ଗାରସିଂ ପଞ୍ଚାୟତରେ ସାମିଲ କରାଗଲା। ଏଥିପାଇଁ ଗାଁ ଲୋକଙ୍କ ମତାମତ ସଂଗ୍ରହ କରାଗଲାନାହିଁ। ଏପରିକି ସରକାରଙ୍କ ସମସ୍ତ ଗାଇଡଲାଇନ ନ ମାନି ଏପରି କରିଥିବା ଗ୍ରାମବାସୀ ପୂର୍ବରୁ ଅଭିଯୋଗ କରୁଛନ୍ତି। ଗ୍ରାମବାସୀଙ୍କ ମୌଳିକ ସମସ୍ୟାର ସମାଧାନ ନ ହେବାରୁ ସେମାନେ ଭୋଟ ବର୍ଜନ କରିଛନ୍ତି।

### କାହ୍ନା ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠା ଉତ୍ସବ

**ବ୍ରହ୍ମପୁର ଅଫିସ,୨୦।୨:** କାହ୍ନା ଚାରିଟେବୁଲ ଟ୍ରଷ୍ଟର ଦ୍ୱିତୀୟ ପ୍ରତିଷ୍ଠା ଉତ୍ସବ ନୀଳକଣ୍ଠେଶ୍ୱର ମନ୍ଦିର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ସହ ଅସହାୟଙ୍କ ପାଇଁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା । ସ୍ୱାସ୍ଥ୍ୟ ଶିବିରରେ ବହୁ ବସ୍ତି ବାସିନ୍ଦା ନିଜର ଚକ୍ଷୁ, ଦନ୍ତ, ଅସ୍ଥିଶଲ୍ୟ ଚିକିତ୍ସା କରାଇବା ସହ ରକ୍ତ ଶର୍କରା ଏବଂ ରକ୍ତଚାପ ପରୀକ୍ଷା କରାଇଥିଲେ। କାହ୍ନା ଚାରିଟେବୁଲ ଟ୍ରଷ୍ଟ ତରଫରୁ ପ୍ରତିଷ୍ଠାତା ରଞ୍ଜନା ମିଶ୍ର ଓ ସଦସ୍ୟମାନେ ସହଯୋଗ କରିଥିଲେ ।

### ସବ୍‌ଡିଭିଜନାଲ ଅଲିମ୍ପିକ୍ ଆସୋସିଏଶନର ପ୍ରସ୍ତୁତି ବୈଠକ

**ବ୍ରହ୍ମପୁର ଅଫିସ,୨୦।୨:** ବ୍ରହ୍ମପୁର ସବ୍‌ଡିଭିଜନାଲ ଅଲିମ୍ପିକ ସଂଘ ପକ୍ଷରୁ ଉପଖଣ୍ଡସ୍ତରୀୟ କନିଷ୍ଠ(୧୭ ବର୍ଷରୁ କମ୍) କ୍ରିକେଟ ପ୍ରତିଯୋଗିତା ଆସନ୍ତା ୨୨ରୁ ୨୫ ପର୍ଯ୍ୟନ୍ତ ଏମ୍‌କେସିଜି ମେଡିକାଲ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ। ଏନେଇ ସଂଘ ସମ୍ପାଦକ ସୁବ୍ରତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟାୟ କ୍ରମେ ଟେନିସ, ଦୌଡ଼କୁଦ, ଫୁଟବଲ, ହ୍ୟାଣ୍ଡବଲ, କବାଡ଼ି, ଖୋ-ଖୋ, ଚେସ, ବ୍ୟାଡମିଣ୍ଟନ ଆଦି କ୍ରୀଡ଼ା ମଧ ଆୟୋଜିତ ହେବା ନେଇ ଆଲୋଚନା ହୋଇଛି। ଏଥିରେ ଭାଗନେବା ପାଇଁ ଇଚ୍ଛୁକ କ୍ରୀଡ଼ାବିତ୍ ଓ ଛାତ୍ରୀଛାତ୍ରମାନେ ନିଜ ନିଜ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ନିକଟରେ ୩୫୦ଟଙ୍କା ପ୍ରବେଶ ଶୁଳ୍କ ଦେଇ ନାମ ପଞ୍ଜୀକୃତ କରି କ୍ରୀଡ଼ାରେ ଅଂଶଗ୍ରହଣ କରିପାରିବେ। କ୍ରୀଡ଼ା ସଂଘ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ କ୍ରିକେଟ ଆୟୋଜିତ ହେବ। କ୍ରୀଡ଼ାରେ ବ୍ରହ୍ମପୁର ସହର ସମେତ ଗଞ୍ଜାମ ଜିଲାର ବିଭିନ୍ନ ବ୍ଲକରୁ ଛାତ୍ରୀଛାତ୍ର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଫେବୃୟାରୀ ୨୨ରୁ ଆରମ୍ଭ ହେବାକୁ ଥିବା ଉପଖଣ୍ଡସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ରେଶମ ସହର ସମେତ ଗଞ୍ଜାମ ଜିଲାର ୮ ସ୍କୁଲ ଅଂଶଗ୍ରହଣ କରିବେ। ଏହି ବୈଠକରେ ସବ୍‌ଡିଭିଜନାଲ ଅଲିମ୍ପିକ ସଂଘ ସାଂଗଠନିକ ସମ୍ପାଦକ ମହମ୍ମଦ ଫଇଜ ଖାନ୍, କ୍ରିକେଟ ସମ୍ପାଦକ ପ୍ରମୋଦ କୁମାର ସାହୁ, କୋଷାଧକ୍ଷ ବିଜୟ ଅଧିକାରୀଙ୍କ ସମେତ ଚନ୍ଦ୍ର ମୋହନ ସାହୁ ଓ ପଙ୍କଜ କୁମାର ଚୌଧୁରୀ ଉପସ୍ଥିତ ଥିଲେ।

### ୩୨ ସମ୍ବେଦନଶୀଳ ବୁଥ୍‌ରେ ପ୍ରଶାସନର ନଜର

**ପୁରୁଷୋତ୍ତମପୁର,୨୦।୨(ଡି.ଏନ୍.ଏ.):** ପୁରୁଷୋତ୍ତମପୁର ବ୍ଲକର ୨୬ ପଞ୍ଚାୟତରେ ମଙ୍ଗଳବାର ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏ ନେଇ ବ୍ଲକ ନିର୍ବାଚନ ଅଧିକାରୀ ବିଜୟ କୁମାର ବେହେରା କହିଛନ୍ତି। ୨୬ ପଞ୍ଚାୟତରେ ତିନି ଜୋନ୍ ରହିଛି। ଆଛୁଲିରେ ଏକ ପିଙ୍କ୍ ବୁଥ କରାଯାଇଛି। ଏଥିରେ ୩୬୪ ବୁଥ୍ ରହିଥିବା ବେଳେ ସେଥିରୁ ୩୨ ଅତି ସମ୍ବେଦନଶୀଳ ବୁଥ୍ ଆଛୁଲି, ଗୋଠିଆଳି, ଅନ୍ତରି ଗାଁ, କୋଳିଦାଶପୁର ହାଇସ୍କୁଲ, କୋଳାସିଙ୍ଗି, ବଡ଼ବରଗାଁ ପ୍ରାଥମିକ ବିଦ୍ୟାଳୟ, କେଏନ୍‌ପୁର ହାଇସ୍କୁଲ, ବାଘଲା ପ୍ରାଥମିକ ବିଦ୍ୟାଳୟ, ରଣଝାଲି ପ୍ରାଥମିକ ବିଦ୍ୟାଳୟ, ସୁନାଥର ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ଚିହ୍ନଟ କରାଯାଇଥିବା ବେଳେ ୧୧୨ ବୁଥ୍‌କୁ ସମ୍ବେଦନଶୀଳ ବୁଥ୍ ଭାବରେ ଚିହ୍ନଟ କରାଯାଇଛି। ପୋଲିସ ପକ୍ଷରୁ ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଓ ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟଙ୍କ ନେତୃତ୍ୱରେ ପାଟ୍ରୋଲିଂ କଡାକଡି କରାଯାଇଛି।

# ନବରଙ୍ଗପୁରରେ ୮୭.୨୩%, କୋଷାଗୁମୁଡ଼ାରେ ୮୫.୦୫% ଭୋଟ

**ନବରଙ୍ଗପୁର/କୋଷାଗୁମୁଡ଼ା, ୨୦।୨(ବି.ପ୍ର./ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ସଦର ଓ କୋଷାଗୁମୁଡ଼ା ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ମତଦାନ ପ୍ରକ୍ରିୟା ସୁରୁଖୁରୁରେ ଶେଷ ହୋଇଛି। ରବିବାର ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିଥିଲା। ଏହି ୨ଟି ସ୍ଥାନରେ ନିର୍ବାଚନ ସମୟରେ କୌଣସି ହିଂସା ହୋଇ ନ ଥିବା ସୂଚନା ମିଳିଛି। ରବିବାର ତୃତୀୟ ପର୍ଯ୍ୟାୟରେ ଏହି ୨ ବ୍ଲକର ୩୯ ପଞ୍ଚାୟତର ୪୬୦ ବୁଥ୍‌ରେ ଭୋଟ ହୋଇଛି। ନବରଙ୍ଗପୁରରେ ୮୭.୨୩% ଓ କୋଷାଗୁମୁଡ଼ା ବ୍ଲକରେ ୮୫.୦୫% ମତଦାନ ହୋଇଥିବା ଜିଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି ସୂଚନା ଦେଇଛନ୍ତି।





ନବରଙ୍ଗପୁର ପତ୍ରମୁଣ୍ଡା ବୁଥ୍‌ରେ ଭୋଟଦାନ ପ୍ରକ୍ରିୟା ଚାଲିଛି। ଭୋଟରମାନେ କୋଷାଗୁମୁଡ଼ା ଚୁରୁଚୁଣ୍ଡା ବୁଥ୍ ବାହାରେ ଭୋଟ ଦେବାକୁ ଅପେକ୍ଷା କରିଛନ୍ତି ।

ନବରଙ୍ଗପୁର ବ୍ଲକ ୨ ଜୋନ୍‌ର ୧୩ ପଞ୍ଚାୟତର ୫୪,୪୮୩ ଜଣ ମତଦାତା ୧୫୯ଟି ବୁଥ୍‌ରେ ଭୋଟ ଦେଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷା କଡ଼ାକଡ଼ି କରାଯାଇଛି। ସବୁଠି ସୁରକ୍ଷା ବ୍ୟବସ୍ଥା ସହ କରୋନା ଗାଇଡ୍‌ଲାଇନ୍ ପାଳନ କରାଯାଇଥିଲା। କୋଷାଗୁମୁଡ଼ାର ୨୬ ପଞ୍ଚାୟତରୁ ୯୦ ସରପଞ୍ଚ, ୬୬ ସମିତି ସଭ୍ୟ, ୩୦୧ ୱାର୍ଡ଼ରୁ ୨୩୦ ଜଣ ୱାର୍ଡ ମେମ୍ବର ପ୍ରାର୍ଥୀଙ୍କ ପାଇଁ ଭୋଟର ଭୋଟ ଦେଇଥିଲେ। କୋଷାଗୁମୁଡ଼ାର ୩୦୧ ବୁଥ୍ ମଧ୍ୟରୁ ୧୨ ଟି ସମ୍ବେଦନଶୀଳ ଓ ୩୭ଟି ଅତି ସମ୍ବେଦନଶୀଳ ବୁଥ୍ ଥିଲା। ପଣ୍ଡୁଗୁଡାରେ ସର୍ବାଧିକ ୯୧ପ୍ରତିଶତ ମତଦାନ ହୋଇଛି।

## ହାରିବା ଭୟରେ ହିଂସାତ୍ମକ ହେଉଛି ବିଜେଡି: କଂଗ୍ରେସ

**ନବରଙ୍ଗପୁର,୨୦।୨(ବି.ପ୍ର.)**

ନବରଙ୍ଗପୁରରେ ଏବେ ନିର୍ବାଚନୀ ହିଂସା ଘଟୁଛି। ପୂର୍ବରୁ ଶାନ୍ତି ଶୃଙ୍ଖଳାର ସହ ଜିଲାରେ ନିର୍ବାଚନ ପରିଚାଳିତ ହେଉଥିଲା। ବିଜେଡିକୁ ଆଉ ଲୋକେ ଗ୍ରହଣ କରୁନାହାନ୍ତି। ବିଜେଡିର ଆତ୍ମଗର୍ବ ବଢ଼ିଯାଇଛି ବୋଲି କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ମୁନା ତ୍ରିପାଠୀ କହିଛନ୍ତି। ଶାସକ ଦଳ ହିଂସାତ୍ମକ ହେବ ବୋଲି ପୂର୍ବରୁ ଆମେ ଅଭିଯୋଗ କରିଥିଲୁ ବୋଲି ସେ କହିଛନ୍ତି। ନବରଙ୍ଗପୁର ଜିଲା କୋଡିଙ୍ଗା ଥାନା ଅଧୀନ ଡଙ୍ଗରା ଗାଁର ବ୍ୟବସାୟୀ ତଥା କଂଗ୍ରେସ ନେତାଙ୍କ ଗାଡି ପୋଡି ଓ ନନ୍ଦାହାଣ୍ଡି ଦହଣା ଅଞ୍ଚଳରେ ବିଜେଡି ଜିଲା ପରିଷଦ ପ୍ରାର୍ଥୀ ଅନ୍ୟ ଦଳର ଜଣେ କର୍ମୀଙ୍କ ଘର ଉପରକୁ କରିଥିବା ବୋମାମାଡ଼ ଘଟଣାକୁ ସେ ନିନ୍ଦା କରିଥିଲେ।

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୋଡ଼ିଙ୍ଗା ଥାନା ଅଧୀନ ଡଙ୍ଗରା ଗାଁର ବ୍ୟବସାୟୀ ତଥା କଂଗ୍ରେସ ନେତା କେ.ଝାଡେଶ୍ୱର ରାଓଙ୍କ ଘର ବାଉଣ୍ଡାରି ଭିତରେ ଥିବା କାର୍ (ଓଆର୍-୧୦ଜି-୦୦୧୮) ଓ ବାଇକ୍ (ଓଆର୍-୨୪ଏ-୩୫୬୧)କୁ ଶନିବାର ବିଳମ୍ବିତ ରାତିରେ କେହି ନିଆଁ ଲଗାଇ ଦେଇଛନ୍ତି। କାର୍‌ଟି ନିର୍ବାଚନ ପ୍ରଚାରରେ ଲାଗିଥିଲା। ନିର୍ବାଚନ ସମୟରେ ଘଟଣାଟି ଘଟିଥିବାରୁ ଏହା ରାଜନୈତିକ ବିବାଦ ଆଡକୁ ଦୃଷ୍ଟି ଆକର୍ଷଣ କରୁଛି। ଝାଡେଶ୍ୱରଙ୍କ ଅଭିଯୋଗକ୍ରମେ କୋଡ଼ିଙ୍ଗା ପୋଲିସ ବିଜେଡିର ଯୁଧିଷ୍ଠିର ଗୌଡଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଝାଡେଶ୍ୱଙ୍କେ କହିବା ଅନୁଯାୟୀ ଯୁଧିଷ୍ଠିର ସହ ତାଙ୍କର ପୂର୍ବ ଶତ୍ରୁତା ରହିଥିଲା। ଝାଡେଶ୍ୱର କଂଗ୍ରେସ ସମର୍ଥକ ସରପଞ୍ଚ ପ୍ରାର୍ଥୀ ଦେବକୀ ଭାତରା ଓ ଜିଲାପରିଷଦ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଥିଲେ। ଯୁଧିଷ୍ଠିର ବିଜେଡି ସମର୍ଥକ ପ୍ରାର୍ଥୀ କୌଶଲ୍ୟା ମାଝିଙ୍କ ସପକ୍ଷରେ ବୁଲୁଥିଲେ। ବିଜେଡି ହାରିବା ଭୟରେ ଏହିଭଳି କାଣ୍ଡ କରିଛି ବୋଲି ଜିଲା ସଭାପତି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସୁବାସ ସୁର, ପିସିସି ସଭ୍ୟ ଦିଲୀପ ବେହେରା, ନଗର ସଭାପତି ଭୀମ ହରିଜନ, ନନ୍ଦାହାଣ୍ଡି ବ୍ଲକ ସଭାପତି ବୃନ୍ଦାବନ ତ୍ରିପାଠୀ, ତାଜ ଇମ୍ରାନ ସରିଫ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତା।

## ପ୍ରାର୍ଥୀଙ୍କ ପାଇଁ ବିଜେଡିର ବାଇକ୍ ରାଲି, ରୋଡ୍ ଶୋ'



ଝରିଗାଁ ବିଧାୟକ ଉମରକୋଟ ଜୋନ୍-୩ ଜିଲା ପରିଷଦ ପ୍ରାର୍ଥୀ ଡାଳିମ୍ବଙ୍କ ପାଇଁ ପ୍ରଚାର କରୁଛନ୍ତି।

**ଉମରକୋଟ, ୨୦।୨(ସ୍ୱ.ପ୍ର.)**

ଉମରକୋଟରେ ଶେଷ ପର୍ଯ୍ୟାୟରେ ଅର୍ଥାତ୍ ୨୪ରେ ନିର୍ବାଚନ ହେବ। ଜିଲା ପରିଷଦ ଜୋନ୍ ୨ ଓ ୩ ଆସନ ଅକ୍ତିଆର ପାଇଁ ବିଜେଡିର ଦୁଇ ମହିଳା ପ୍ରାର୍ଥୀ ଛାୟା ବିଶ୍ୱାସ ଓ ଡାଳିମ୍ବ ଭତ୍ରା ଘନଘନ ପ୍ରଚାର କରୁଛନ୍ତି। ପ୍ରଚାରକୁ ୨ଦିନ ବାକି ଥିବାରୁ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝିଙ୍କ ନେତୃତ୍ୱରେ ଜୋନ୍-୩ର ନେହୁରା, ତୋରେଙ୍ଗା ପଞ୍ଚାୟତର ୨୦ ଗାଁରେ ବାଇକ ରାଲି ସହ ପଦଯାତ୍ରା କରାଯାଇଛି। ପ୍ରାର୍ଥୀ ଡାଳିମ୍ବଙ୍କ ସମେତ ବିଜେଡି ସମର୍ଥିତ ତୋରେଙ୍ଗା ସରପଞ୍ଚ ମନୁରାମ ମାଝି, ସମିତି ସଭ୍ୟ ନକୁଳ ଭତ୍ରା ଏବଂ ନେହୁରା ସରପଞ୍ଚ ପ୍ରାର୍ଥୀ ଉର୍ମିଳା ଭତ୍ରା ସମିତି ସଭ୍ୟ ସୁଶିଳା ମାଝିଙ୍କ ପାଇଁ ମଧ ଭୋଟ ଭିକ୍ଷା କରାଯାଇଛି। ଜିତିଲେ ଲୋକଙ୍କ ସମସ୍ୟା ଦୂର କରିବି ବୋଲି ଡାଳିମ୍ବ ଭତ୍ରା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସଞ୍ଜୟ ଗୁପ୍ତା, ଅଜିତ ପ୍ରଧାନ, ଦେବୀସିଂ ମାଝିଙ୍କ ସହ ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ। ଜୋନ-୨ରେ ଜିଲା ବିଜେଡି ସଂଯୋଜକ ପ୍ରମୋଦ ପାଢ଼ୀଙ୍କ ନେତୃତ୍ୱରେ ଚିକଲପଦର ପଞ୍ଚାୟତରେ ଏକ ବାଇକ ରାଲି କରାଯାଇଛି। ପ୍ରାର୍ଥୀ ଛାୟା ବିଶ୍ୱାସଙ୍କ ସମେତ କର୍ମୀମାନେ ଭୋଟ ଭିକ୍ଷା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଛାତ୍ର ବିଜେଡି ଜିଲା ସଭାପତି ସୁଧାଂଶୁ ଦାଶ, ଉପସଭାପତି ହିମାଂଶୁ ଜେନା ଓ ଚନ୍ଦନ ବେହେରା, ଯୁବ ବିଜେଡି ସଭାପତି ମନୋଜ ନାୟକ ଓ ବ୍ଲକ ଛାତ୍ର ବିଜେଡି ସଭାପତି ତପନ ପାତ୍ର, ଶଙ୍କର ତୁରୁକଙ୍କ ସହ ଶତାଧିକ ସ୍ଥାନୀୟ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ରେଳଧାରଣା କଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବ୍ରହ୍ମପୁର ଅଫିସ,୨୦।୨**

ସରକାରୀ ରେଲବାଇ ପୋଲିସ (ଜିଆରପି) ରବିବାର ସକାଳେ ଲାଞ୍ଜିପଲ୍ଲୀ ରେଳଧାରଣା କଡ଼ରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ପାଟପୁର ଥାନା ଅନ୍ତର୍ଗତ ଡେଙ୍ଗାଡ଼ି ଗ୍ରାମର ଶିବ ସୁଆସିଆ (୨୫) ବୋଲି ପୋଲିସ କହିଛି। ମୃତଦେହ ଜବତ କରି ନଂ.୧୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ପରେ ବ୍ୟବଚ୍ଛେଦ ପାଇଁ ପଠାଇଛି। ସେହିପରି ପୋଲିସ ଘଟଣାସ୍ଥଳରେ ଥିବା ଏକ ବାଇକ୍ ଜବତ ସହ ମୃତକଙ୍କ ପକେଟରୁ ଗୋଟିଏ ମୋବାଇଲ ଫୋନ, ୩୦୦ ଟଙ୍କା ଓ ବିଭିନ୍ନ ପ୍ରକାର ପରିଚୟପତ୍ର ଜବତ କରିଛି। ପ୍ରକାଶ ଯେ, ଯୁଧିଷ୍ଠିର ସୁଆସିଆଙ୍କ ଚାରି ପୁଅ ମଧ୍ୟରୁ ବଡ଼ ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ଶିବ ଏକମାତ୍ର ରୋଜଗାରିଆ ପୁଅ ଥିଲେ। ସେ ବ୍ରହ୍ମପୁରରେ ଚନ୍ଦ୍ରମା ଏଜେନ୍ସି ନାମକ ଏକ ମୃଦୁ ପାନୀୟ ବିତରକଙ୍କ ନିକଟରେ ସେଲସ୍‌ମ୍ୟାନ ଭାବେ କାମ କରୁଥିଲେ। ଗତ ପଞ୍ଚାୟତ ନିର୍ବାଚନ ପାଇଁ କିଛିଦିନ ତଳେ ସେ ଗାଁକୁ ଯାଇଥିଲେ। ସେ ଶନିବାର ସକାଳେ ବ୍ରହ୍ମପୁର ଆସି ଉକ୍ତ ଏଜେନ୍ସିରେ ଯୋଗ ଦେଇଥିଲେ। ଦିନତମାମ କାମ କରିବା ପରେ ସନ୍ଧ୍ୟା ୭ଟା ବେଳେ ସେ ତାଙ୍କର ସମସ୍ତ ହିସାବ ମାଲିକଙ୍କୁ ଦେଇ ବାଇକ୍‌ରେ କେଉଁଆଡ଼େ ଚାଲି ଯାଇଥିଲେ। ରବିବାର ସକାଳେ ଲାଞ୍ଜିପଲ୍ଲୀ ରେଳଧାରଣାରେ ମୃତଦେହ ପଡ଼ିଥିବା ଖବର ପାଇ ତାଙ୍କ ସାଙ୍ଗସାଥୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅନ୍ୟପଟେ ପୋଲିସ ମଧ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା। ଶିବଙ୍କ ଏଭଳି ମୃତ୍ୟୁକୁ ନେଇ ସାଙ୍ଗସାଥୀଙ୍କ ମଧ୍ୟରେ ନାନା ଗୁଜବ ସୃଷ୍ଟି ହୋଇଥିଲା। ଅନ୍ୟପଟେ ପ୍ରାଥମିକ ତଦନ୍ତରୁ ଶିବ କୌଣସି ଏକ କାରଣକୁ କେନ୍ଦ୍ରକରି ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

## ସାକ୍ଷୀ ନ ଦେବାକୁ ଶ୍ୱଶୁରଙ୍କୁ ହତ୍ୟା ଧମକ

**ବ୍ରହ୍ମପୁର ଅଫିସ,୨୦।୨**

ବ୍ରହ୍ମପୁର ବଡ଼ ବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗର ଅଞ୍ଚଳର ବିଜୟ କୁମାର ପାତ୍ରଙ୍କ ଝିଅଙ୍କୁ ହତ୍ୟା କରାଯାଇଥିବା ମାମଲା ଏବେ କୋର୍ଟରେ ବିଚାର ଚାଲିଛି। ଏହି ମାମଲାରେ ସାକ୍ଷୀ ନ ଦେବାକୁ ତାଙ୍କ ଜ୍ୱାଇଁ ଏ. ସରୋଜ କୁମାର ପାତ୍ର ତାଙ୍କୁ ଧମକ ଦେଇଛନ୍ତି। କୋର୍ଟରେ ସାକ୍ଷୀ ଦେଲେ ବିଜୟଙ୍କୁ ଗୁଳିକରି ମାରିଦେବାକୁ ସରୋଜ ମଧ ଧମକ ଦେଇଥିଲେ। ଏନେଇ ବିଜୟ ଗୋଶାଣୀନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୩୧/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଘଟଣାରୁ ପ୍ରକାଶ ଯେ, ବିଜୟ ଗତ ୧୮ ତାରିଖରେ ଗୋଶାଣୀନୂଆଗାଁ ଜଗନ୍ନାଥ ମନ୍ଦିରରେ ତାଙ୍କ ଝିଅ ଇତିସ୍ମିତା ପାତ୍ରଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ପାଳନ କରୁଥିଲେ। ଏହି ସମୟରେ ମୃତ ଇତିସ୍ମିତାଙ୍କ ସ୍ୱାମୀ ସରୋଜ ଉକ୍ତ ମନ୍ଦିରକୁ ଯାଇ ଅଜାଙ୍କ ପାଖରେ ରହୁଥିବା ତାଙ୍କ ଛୋଟ ଝିଅକୁ ମାଗିଥିଲେ। ବିଜୟ ଏହାକୁ ବାରଣ କରିବାରୁ ସେ ତାଙ୍କୁ ଆକ୍ରମଣ କରିଥିଲେ। ପାଖରେ ଥିବା ଅନ୍ୟ ଜ୍ୱାଇଁମାନେ ଏହାର ପ୍ରତିବାଦ କରିବା ସହ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଏହି ଘଟଣାରେ ସରୋଜ ଓ ତାଙ୍କ ସହିତ ଆସିଥିବା ୧୨ରୁ ୧୫ ଯୁବକ ସେମାନଙ୍କୁ ଧମକ ଦେଇଥିଲେ। ଏହା ସହ ଯଦି ତାଙ୍କ ଝିଅଙ୍କ ମୃତ୍ୟୁ ମାମଲାରେ କୋର୍ଟରେ ସାକ୍ଷୀ ଦିଅନ୍ତି, ତେବେ ତାଙ୍କୁ ଗୁଳିକରି ମାରିଦେବାକୁ ସରୋଜ ଧମକ ଦେଇଥିଲେ ବୋଲି ବିଜୟ ଅଭିଯୋଗ କରିଛନ୍ତି।

## ଫାଙ୍କା ଗୁଳିଚାଳନା ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବି

**ନବରଙ୍ଗପୁର,୨୦।୨(ବି.ପ୍ର.)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଦହଣା ଗ୍ରାମର ଭାଜପା କର୍ମକର୍ତ୍ତା ଅଶ୍ୱିନୀ ଦାସଙ୍କ ଘର ବାରଣ୍ଡାରେ ଶନିବାର ରାତିରେ ଫାଙ୍କା ଗୁଳିଚାଳନାକୁ ଦଳ ନିନ୍ଦା କରିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ନନ୍ଦାହାଣ୍ଡି ବ୍ଲକ ଜିଲା ପରିଷଦ ଜୋନ୍-୨ ବିଜେଡି ପ୍ରାର୍ଥୀ ଅରୁଣ କୁମାର ମିଶ୍ରଙ୍କୁ ଗିରଫ କରିବାକୁ ରବିବାର ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ନେତାମାନେ ଦାବି କରିଛନ୍ତି। ଯଦି ନବରଙ୍ଗପୁର ପୋଲିସ ବିଜେଡି ଇଙ୍ଗିତରେ ଚାଲି ଅଭିଯୁକ୍ତଙ୍କୁ ଗିରଫ ନ କରେ, ତାହେଲେ ଆସନ୍ତା ୨୫ ପରେ ଦଳ ପକ୍ଷରୁ ଆନ୍ଦୋଳନ କରାଯିବ। ଅଶ୍ୱିନୀ ଦାସଙ୍କ ପରିବାର ପ୍ରତି ବିପଦ ଥିବାରୁ ସେମାନଙ୍କୁ ଜିଲା ପୋଲିସ ତୁରନ୍ତ ସୁରକ୍ଷା ଯୋଗାଇ ଦିଅନ୍ତୁ ବୋଲି ଭାଜପା ଜିଲା ସଭାପତି ଜଗଦୀଶ ବିଷୋୟୀ ଦାବି କରିଛନ୍ତି। ଅନ୍ୟପଟେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଅରୁଣ ମିଶ୍ରଙ୍କ ଏକ ଭିଡିଓ ଭାଇରାଲ ହେଉଛି। ସେ ନିର୍ଦ୍ଦୋଷ, ତାଙ୍କୁ ରାଜନୈତିକ ଚକ୍ରାନ୍ତ କରି ଫସାଯାଉଥିବା ଅରୁଣ କହିଛନ୍ତି। ଉକ୍ତ ଭାଇରାଲ ଭିଡିଓ ଉପରେ ଭାଜପା ଜିଲା ସଭାପତି ଜଗଦୀଶ ବିଷୋୟୀ ଓ ଅଶ୍ୱିନୀ ଦାସଙ୍କ ପୁଅ ଆଲୋକ ରଞ୍ଜନ ଦାସ ପ୍ରତିକ୍ରିୟା ରଖିଛନ୍ତି। ଅରୁଣ ଯଦି ନିର୍ଦ୍ଦୋଷ, ତେବେ ସେ ପୋଲିସକୁ ନ ଲୁଚି, ବାହାରକୁ ଆସି ପ୍ରେସ୍‌ମିଟ୍ କାହିଁକି କରୁନାହାନ୍ତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି।



ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଓ ଅନ୍ୟ ନେତାମାନେ।

## ଜିଲା ପରିଷଦ ଆସନ ଆଶାରେ ସବୁ ଦଳ

**ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ସରିଲା ପ୍ରଚାର**

**କୋଲନରା,୨୦।୨(ଡି.ଏନ୍.ଏ.)–**

ରାୟଗଡ଼ା ଜିଲା କୋଲନରା ବ୍ଲକରେ ମଙ୍ଗଳବାର ଚତୁର୍ଥ ପର୍ଯ୍ୟାୟରେ ଜୋନ୍-୧ ଏବଂ ଜୋନ୍-୨ ଦୁଇଟି ଜିଲା ପରିଷଦ ଜୋନ୍ ରହିଛି। ଦୁଇ ଆସନ ହାତେଇବା ପାଇଁ ନେତା ଓ ମନ୍ତ୍ରୀଙ୍କ ଆଖିରୁ ନିଦ ହଜିଯାଇଛି। ପ୍ରଚାର ସରିଥିବାବେଳେ ଏବେ ଭୋଟ ଏବଂ ଫଳାଫଳକୁ ଅପେକ୍ଷା। ପୂର୍ବ ପରିସ୍ଥିତିକୁ ବିଚାରକୁ ନେଲେ ୧୯୯୭ ପୂର୍ବରୁ ଏହି ଦୁଇ ଆସନ କଂଗ୍ରେସ ହାତରେ ଥିଲା। ୨୦୦୨ ଓ ୨୦୦୭ରେ ବିଜେଡି ଜିତିବା ସହ ୨୦୧୨ରେ ହ୍ୟାଟ୍ରିକ୍ ଲକ୍ଷ୍ୟ ରଖିଥିଲା। କିନ୍ତୁ ସେହି ବର୍ଷ କଂଗ୍ରେସ ପୁଣି ଏଠାରେ ବିଜୟ ଲାଭ କରିଥିଲା। ୨୦୧୭ରେ 'କ' ଜୋନ୍‌ରେ ବିଜେଡିର ସମି ହିମିରିକା ବିଜୟୀ ହୋଇଥିବାବେଳେ 'ଖ' ଜୋନ୍‌ରେ କଂଗ୍ରେସର ଆଶୁତୋଷ କିଲାକା ଜିତିଥିଲେ। ତେଣୁ ଦୁଇଟି ଆସନର ଭୋଟର ଗୋଟିଏ ଦଳ ପକ୍ଷରେ ନ ଥିବା ଦେଖାଯାଇଛି। 'କ' ଜୋନ୍‌ରେ କୋଲନରା, ଗାଡି ଶେଷଖାଲ, ଦୁଦ୍ଦୁଲି, କେଲିଗୁଡା, କାର୍ତ୍ତିକଗୁଡ଼ା, ଥେରୁବାଲି, ଡୁମୁରିଗୁଡ଼ା, ଖେଦାପଡ଼ା ଆଦି ୮ ପଞ୍ଚାୟତ ରହିଥିବାବେଳେ ଚଳିତବର୍ଷ ଆସନଟି ଅଣ ସଂରକ୍ଷିତ ରହିଛି। ବିଜେଡି ପକ୍ଷରୁ ଧବଳେଶ୍ୱର ନାଇଡୁ, କଂଗ୍ରେସର ଆଇ. ଗୋବର୍ଦ୍ଧନ ରାଓ, ଭାଜପା ପକ୍ଷରୁ ମାଝିକ୍ରିଷ୍ଣା, ଦୁଇ ସ୍ୱାଧୀନ ପ୍ରାର୍ଥୀ ଏବଂ ଜଣେ ବିଏସ୍‌ପି ପ୍ରାର୍ଥୀଙ୍କ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି 'ଖ'ଜୋନ୍‌ରେ ବାଙ୍କିଲି, ସୁରୀ, ବଡ଼ଖିଲାପଦର, କୈଳାଶପୁର, ରେଖାପଦର, ଭୁଇମେଡ଼ା, କାଟିକୋଣା, ମୁକୁନ୍ଦପୁର ଓ ଝରଡି ପଞ୍ଚାୟତ ଅନ୍ତର୍ଭୁକ୍ତ। ବିଜେଡ଼ିର ଲିଲି କାଡ୍ରକା, କଂଗ୍ରେସର ସୁନିତା ତାଣ୍ଡିଙ୍ଗି ଓ ବିଜେପିର ଯମୁନା ଉର୍ଲକା ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେଉଛି। ୨୨୧ ୱାର୍ଡ ବିଶିଷ୍ଟ ଦୁଇଟି ଜୋନ୍‌ରେ ପୁରୁଷ ଭୋଟର ୨୨୬୧୬, ମହିଳା ଭୋଟର ୨୬୮୮୩ ଓ ତୃତୀୟ ଲିଙ୍ଗୀ ଭୋଟ ୧୦ଜଣ ରହିଛନ୍ତି। ମୋଟ ୪୯ହଜାର ୫୦୯ ଭୋଟର କାହା ସପକ୍ଷରେ ଭୋଟ ଦେବେ ତାହା ଫଳାଫଳ ଆସିବା ପରେ ସ୍ପଷ୍ଟ ହେବ।

## କଲ୍ୟାଣସିଂହପୁରରେ ୮୦.୧୧, କାଶୀପୁରରେ ୭୦%ରୁ ଊର୍ଦ୍ଧ୍ୱ ଭୋଟ

**ରାୟଗଡ଼ା ଅଫିସ/ଟିକିରି, ୨୦।୨(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟରେ ରବିବାର ରାୟଗଡ଼ା ଜିଲାର କାଶୀପୁର ଓ କଲ୍ୟାଣସିଂହପୁର ବ୍ଲକରେ ଭୋଟ ଗ୍ରହଣ ସରିଛି। କଲ୍ୟାଣସିଂହପୁର ବ୍ଲକରେ ୧୪ ନଂ ବୁଥ୍‌ରେ ଡଙ୍ଗରିଆମାନେ ଭୋଟବାକ୍ସ ଉଠାଇନେବା ଫଳରେ ଗୋଟିଏ ବୁଥ୍‌ରେ ଅଶାନ୍ତି ଦେଖା ଦେଇଥିଲା। ଅନ୍ୟ ସମସ୍ତ ସ୍ଥାନରେ ଶାନ୍ତିଶୃଙ୍ଖଳାରେ ଭୋଟ ଗ୍ରହଣ ହୋଇଥିବା ଜଣାପଡ଼ିଛି। ବ୍ଲକର ୧୪ ପଞ୍ଚାୟତରେ ମୋଟ ୪୫୫୭୬ ଭୋଟର ରହିଥିବାବେଳେ ୮୦.୧୧ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। ୨୫୪ ୱାର୍ଡ ମେମ୍ବର ପ୍ରାର୍ଥୀ, ୪୬ ସରପଞ୍ଚ ପ୍ରାର୍ଥୀ, ୩୪ ସମିତି ସଭ୍ୟ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ ପାଇଁ ଜିଲା ପରିଷଦ ଜୋନ୍ 'ଏ' ରେ ୬ ଏବଂ 'ବି' ଜୋନ୍‌ରେ ୪ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟବାକ୍ସରେ ସିଲ୍ ହୋଇଛି।

ସେହିପରି କାଶୀପୁର ବ୍ଲକର ୨୪ ପଞ୍ଚାୟତର ୨୮୨ ବୁଥ୍‌ରେ ରବିବାର ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ଭୋଟ ଗ୍ରହଣ ହୋଇଛି। ଦୂର ଦୂରାନ୍ତରୁ ଭୋଟବାକ୍ସ ପହଞ୍ଚିବାରେ ବିଳମ୍ବ ହୋଇଥିବାବେଳେ ଏଥିରେ ସନ୍ଧ୍ୟା ୬ ଟା ସୁଦ୍ଧା ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ମତଦାନ ହୋଇଥିବା ଜଣାପଡ଼ିଛି। ବ୍ଲକର ତିନୋଟି ଜୋନ୍‌ର ୨୫ ଜିଲା ପରିଷଦ ପ୍ରାର୍ଥୀ, ୧୧୩ ସରପଞ୍ଚ ପ୍ରାର୍ଥୀ, ୮୯ ସମିତି ସଭ୍ୟ ପ୍ରାର୍ଥୀ ଏବଂ ୱାର୍ଡ ମେମ୍ବର ପ୍ରାର୍ଥୀଙ୍କ ଭାଗ୍ୟ ଭୋଟବାକ୍ସରେ ସିଲ୍ ହୋଇଛି। କିଛି ସ୍ଥାନରେ ନିର୍ଦ୍ଧାରିତ ସମୟ ପରେ ମଧ ଭୋଟ ଗ୍ରହଣ ହୋଇଥିଲା। କେତୋଟି ସ୍ଥାନରେ ଗଣ୍ଡଗୋଳକୁ ବାଦ୍‌ଦେଲେ ଶାନ୍ତିଶୃଙ୍ଖଳାର ସହ ମତଦାନ ସରିଥିବା ଜଣାପଡ଼ିଛି। ବ୍ଲକର ଦୁଇ ସରପଞ୍ଚ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ୩ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିପରି ଲାକରିସ ଏବଂ ମାରିଭଟା ବୁଥ୍‌ରେ ଭୋଟ ଗ୍ରହଣବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। କାଶୀପୁର ତହସିଲଦାର ଏସ୍. ଶବର ଏବଂ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ମାରିଭଟା ବୁଥ୍‌ରେ ଫଟୋ ଉତ୍ତୋଳନ କରୁଥିବା ଜଣେ ୱେବ୍ ମିଡିଆ ଖବରଦାତାଙ୍କୁ ନିର୍ଦ୍ଦିଷ୍ଟ ଦଳର ସମର୍ଥକ ମାଡ଼ ମାରିଥିବା ଅଭିଯୋଗ ହୋଇଛି।



ଟିକିରିର ଏକ ବୁଥରେ ଭୋଟରମାନେ ଲାଇନରେ ଛିଡା ହୋଇଛନ୍ତି ।

## ବୁଥ୍ ପରିବର୍ତ୍ତନ ଯୋଗୁ ଭୋଟ ଦେଲେନି ୨ ଗ୍ରାମର ଭୋଟର

**ଟିକିରି,୨୦।୨(ଡି.ଏନ୍.ଏ.)–**

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ରବିବାର ଭୋଟ ଗ୍ରହଣ ହୋଇଥିଲା। ଏଥିରେ ଡଙ୍ଗାସିଲ ପଞ୍ଚାୟତର ବେଲଗଛ ତୁଣ୍ଡା ପୋଲିଂ ବୁଥ୍ ପରିବର୍ତ୍ତନ ନେଇ ଦୁଇ ଗ୍ରାମର ୨ ଶହରୁ ଊର୍ଦ୍ଧ୍ୱ ଭୋଟର ଭୋଟ ବର୍ଜନ କରିଛନ୍ତି। ବଲଗଛତୁଣ୍ଡା ଏବଂ ପଣ୍ଡକାମାରି ଗ୍ରାମବାସୀ ଭୋଟ ଦେଇ ନ ଥିବା ଜଣାପଡ଼ିଛି। ବିନା ସୂଚନାରେ ପ୍ରଶାସନ ପକ୍ଷରୁ ବୁଥ୍ ପରିବର୍ତ୍ତନ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ବରୁ ଡଙ୍ଗାସିଲ ପଞ୍ଚାୟତର ବେଲଗଛତୁଣ୍ଡା ଗ୍ରାମର ୮ ନମ୍ବର ୱାର୍ଡରେ ପୋଲିଂ ବୁଥ୍ ରହିଥିଲା। ବେଲଗଛତୁଣ୍ଡା, ପଣ୍ଡକାମାରି ଏବଂ ଥରଲି ଗ୍ରାମର ଭୋଟରଙ୍କୁ ନେଇ ଗଠିତ ବେଲଗଛ ତୁଣ୍ଡା ବୁଥ୍ ଅଧୀନରେ ୩୭୬ ଭୋଟର ରହିଛନ୍ତି। ଏଠାରେ ସ୍କୁଲ କିମ୍ବା ଅନ୍ୟ ସରକାରୀ ଗୃହ ନ ଥିବାରୁ ଗଛ ତଳେ ଅସ୍ଥାୟୀ ପୋଲିଂ ବୁଥ୍ କରାଯାଉଥିଲା। ଚଳିତ ନିର୍ବାଚନରେ ଏଠାରୁ କିଛି ଦୂରରେ ଥିବା ଥରଲି ଗ୍ରାମକୁ ବୁଥ୍ ସ୍ଥାନାନ୍ତର କରାଯାଇଛି। ଏହାକୁ ନେଇ ଦୁଇ ଗ୍ରାମର ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନର ଖାମଖିଆଲ ନୀତି ବିରୋଧରେ ଗ୍ରାମବାସୀ ଏକାଠି ହୋଇ ଭୋଟ ବର୍ଜନ କରିଥିବା କହିଛନ୍ତି।



ଭୋଟ ବର୍ଜନ କରି ଗ୍ରାମବାସୀ ଗାଁ ରାସ୍ତାକୁ ବନ୍ଦ କରିଛନ୍ତି।



ଭୋଟ ବର୍ଜନ କରିଥିବା ଦୁଇ ଗାଁର ଭୋଟର ।

## ବିଜୟ, ପରାଜୟ ନେଇ ଖଟିରେ ଚର୍ଚ୍ଚା

**ଗୁଣପୁର,୨୦।୨(ଡି.ଏନ.ଏ)–**

ରାୟଗଡ଼ା ଜିଲା ଗୁଣପୁର ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଶୁକ୍ରବାର ଭୋଟ ଗ୍ରହଣ ସରିଛି। ୨୩୧ ବୁଥ୍‌ରେ ଭୋଟ ଦାନ ହୋଇଥିଲା। ଏବେ ସମସ୍ତ ଭୋଟବାକ୍ସ ଗୁଡ଼ିକ ବ୍ଲକ କାର୍ଯ୍ୟାଳୟସ୍ଥିତ ଷ୍ଟ୍ରଙ୍ଗ୍ ରୁମ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରହିଛି। ୨୬ରେ ଭୋଟ ଗଣତି ହେବ। ଭୋଟ ଗଣତି ନେଇ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଗୁଣପୁର ବ୍ଲକର ଦୁଇଟି ଜିଲା ପରିଷଦ ଜୋନ୍ ସହ ୧୯ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡମେମ୍ବର ପାଇଁ ୩୦୩ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟବାକ୍ସରେ ସିଲ୍ ହୋଇଛି। ଜିଲା ପରିଷଦ ପାଇଁ ୧୦ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ୭୩ ସରପଞ୍ଚ ପ୍ରାର୍ଥୀ, ୭୧ ସମିତି ସଭ୍ୟ ପ୍ରାର୍ଥୀ ଏବଂ ୧୪୯ ୱାର୍ଡମେମ୍ବର ପ୍ରାର୍ଥୀ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ୫୪,୨୯୫ ଭୋଟରଙ୍କ ମଧ୍ୟରୁ ୪୨,୫୫୧ ଭୋଟର ନିଜର ମତ ସାବ୍ୟସ୍ତ କରିଛନ୍ତି। ସେଥିମଧ୍ୟରୁ ୨୨,୦୧୦ ମହିଳା ଏବଂ ୨୦,୫୪୧ ପୁରୁଷ ଭୋଟର ଭୋଟ ଦେଇଥିଲେ। ଗୁଣପୁର ବ୍ଲକରେ ୫ କିନ୍ନର ଭୋଟର ଥିବାବେଳେ ଜଣେ ମଧ ଭୋଟ ଦେଇନାହାଁନ୍ତି। ପ୍ରାର୍ଥୀମାନେ ନିର୍ବାଚନ ଫଳାଫଳକୁ ନେଇ ଅଙ୍କକଷା ଆରମ୍ଭ କରିଛନ୍ତି। ଗାଁ ଠାରୁ ସହର ଖଟିରେ କିଏ ଜିତିବ କିଏ ହାରିବ ତାହାକୁ ନେଇ ଚର୍ଚ୍ଚା ଚାଲିଛି। ଠାକୁରଙ୍କ ଶରଣରେ ଏବେ ପ୍ରାର୍ଥୀ। ବିଜୟୀ ହେବା ପାଇଁ ଆରମ୍ଭ କରିଛନ୍ତି ପୂଜାର୍ଚ୍ଚନା ଏବଂ ରଖୁଛନ୍ତି ମାନସିକ। ତିନି ପ୍ରମୁଖ ଦଳ ପକ୍ଷରୁ ହେଭିୱେଟ୍‌ଙ୍କୁ ନେଇ ପ୍ରଚାର କରାଯାଇଛି। ପୂର୍ବରୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଭୋଟ ଗଣତି ସବୁ ବୁଥ୍ କେନ୍ଦ୍ର ଗୁଡ଼ିକରେ ହେଉଥିଲା। ଫଳରେ କିଏ ବିଜୟୀ ହେଲେ ଏବଂ କିଏ ପରାଜିତ ତାହା ଜାଣି ପାରୁଥିଲେ। ଚଳିତ ଥର ସମସ୍ତ ନିର୍ବାଚନ ପାଇଁ ଗଣତି ଗୋଟିଏ ଥର ବ୍ଲକ କାର୍ଯ୍ୟାଳୟରେ ହେବ। ତେଣୁ କାହା ମୁଣ୍ଡରେ ହାତୀ ସୁନା କଳସ ଢାଳିବ ତାହାକୁ ନେଇ ଖଟିରେ ଚର୍ଚ୍ଚା ଜୋର ଧରିଛି।

**୨୬ରେ ଭୋଟ ଗଣନା**

**ସଂକ୍ଷେପରେ**

## ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ଗଠିତ



ମାଲକାନଗିରି,୨୦।୨ (ଡି.ଏନ.ଏ.)- ମାଲକାନଗିରି ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ପୁରାତନ ଛାତ୍ର ସଂସଦ ଗଠନ କରାଯାଇଛି। ସଭାପତି ଭାବେ ସୁରେନ୍ଦ୍ରନାଥ ପାଢ଼ୀ, ଉପସଭାପତି ଏସ୍. ପରମେଶ୍ୱର ରାଓ, ସୁରେଶ ଚନ୍ଦ୍ର ସୋମାନୀ, ଡି ଭେଙ୍କଟ ରାଓ, ସମ୍ପାଦକ ପରେଶ ଚନ୍ଦ୍ର ମହାନ୍ତି, ସହ ସମ୍ପାଦକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସଙ୍ଗଠନ ସମ୍ପାଦକ ଅଶ୍ୱିନୀ ମହାନ୍ତି, ଓ ରଞ୍ଜିତ ପାଣିଗ୍ରାହି, ମୁଖ୍ୟ ଉପଦେଷ୍ଟା ଭାବେ ରାମହରି ପଣ୍ଡା, ଆଇନ ପରାମର୍ଶ ଦାତା ରୂପେ ଆଶୋକ ପଟ୍ଟନାୟକ ମନୋନୀତ ହୋଇଛନ୍ତି। ଆଗାମୀ ବୈଠକରେ କାର୍ଯ୍ୟକାରୀ କମିଟି ଗଠନ କରାଯିବ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ବେହେରା, ପରିଚାଳନା କମିଟ ସଦସ୍ୟ ଆଇନଜୀବୀ ଦୁର୍ଗା ପ୍ରସାଦ ତ୍ରିପାଠୀ, ସମାଜିକ କର୍ମୀ ଦେଶୀରାଜୁ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ କର୍ମକର୍ତାଙ୍କ ପରିଚୟ ଶିକ୍ଷକ ନିରଞ୍ଜନ ପଣ୍ଡା ସ୍ୱାଗତ ସୂଚନା ଦେଇଥିବା ବେଳେ ଶିକ୍ଷକ ଜୟଦେବ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ୩୬ ୟୁନିଟ ରକ୍ତ ସଂଗ୍ରହ

ସୁନାବେଡ଼ା,୨୦।୨(ସ୍ୱ.ପ୍ର.)- ସୁନାବେଡାସ୍ଥିତ ଶ୍ୱାଶତୀ ମହିଳା ମହାସଂଘ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୌର ନିର୍ବାହୀ ଅଧିକାରୀ ଗୋବିନ୍ଦ ଦନସେନା ଉଦଘାଟନ କରିଥିଲେ। ମହାସଂଘ ଉପଦେଷ୍ଟା ଅଶ୍ୱିନୀ ପଟ୍ଟନାୟକ, ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ, ଜିଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମର ସଭାପତି ଜି. ସଞ୍ଜୀବ କୁମାର, ଡ.ଚିତ୍ତ ରଞ୍ଜନ ମିଶ୍ର, ସ୍ନିଗ୍ଧାରାଣୀ ମିଶ୍ର, ଶେଖ ଇବ୍ରାହିମ ପ୍ରମୁଖ ଯୋଗଦେଇ ରକ୍ତଦାନ ଶିବିର ଅୟୋଜନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ମହାସଂଘର ୩୬ ଜଣ ସଦସ୍ୟା ରକ୍ତଦାନ କରିଥିଲେ। ୩୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଲିଲି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସରୋଜିନୀ ସାହୁ, ମମିତା ସାହୁ, ଉଷାରାଣୀ ବିଶ୍ୱାସ, ତନୁଜା ସାବତ, ଗୋବିନ୍ଦ ବଲ୍ଲଭ ପାଢ଼ୀ, ବିଜୟ ସାହୁ ସହଯୋଗ କରିଥିଲେ।

## ମାଗଣା ଆୟୁର୍ବେଦ ସ୍ୱାସ୍ଥ୍ୟସେବା ଶିବିର

ଜୟପୁର, ୨୦।୨। (ନି.ପ୍ର.)- ଦକ୍ଷିଣ ଓଡିଶା ଆୟୁର୍ବେଦ ବିକାଶ ପରିଷଦ ପକ୍ଷରୁ ରବିବାର ସତୀନଦୀ କଟ ହନୁମାନ କୋଲନୀଠାରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୨୧୩ ଜଣ ରୋଗୀ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିକାଶ ପରିଷଦ ସଭାପତି ସୁଦର୍ଶନ ଗୌଡ, କବିରାଜ ପରମେଶ୍ୱର ପାତ୍ର, କ୍ଷେତ୍ରବାସୀ ପଣ୍ଡା, ସତ୍ୟ ନାରାୟଣ ପରିଚ୍ଛା, ଭବାନୀ ଚରଣ ଆଚାର୍ଯ୍ୟ, ଶ୍ରୀରାମ ଗୌଡ, ଜନିଆରାଣୀ ମହାଙ୍କୁଡ, ମନୋଜ ବିଶ୍ୱାଳ, ପ୍ରଶାନ୍ତ ପ୍ରଧାନ, ବିନୋଦ ବିହାରୀ ରଥ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ସରିଲା ପ୍ରଚାର, ଦିନକ ପରେ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

ଡାବୁଗାଁ, ୨୦।୨ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ୨ ଜିଲା ପରିଷଦ ଜୋନ୍‌ରେ ମଙ୍ଗଳବାର ପଞ୍ଚାୟତ ନିର୍ବାଚନ ମତଦାନ ହେବ। ଏହି ୨ ଜୋନ୍‌ରେ ୪୪, ୬୪୮ ଜଣ ଭୋଟର ଅଛନ୍ତି। ରବିବାର ସନ୍ଧ୍ୟାରୁ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ବ୍ଲକରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରତି ସାଧାରଣ ବୁଥ୍‌ରେ ଜଣେ ଲେଖାଏ ଗ୍ରାମରକ୍ଷୀ କିମ୍ବା ଗୃହରକ୍ଷୀ ଓ ସମ୍ବେଦନଶୀଳ ବୁଥ୍‌ରେ ଜଣେ ଲେଖାଏ କନଷ୍ଟେବଲଙ୍କୁ ନିୟୋଜିତ କରାଯାଇଛି। ୨ଟି ଲେଖାଏ ପଞ୍ଚାୟତ ପାଇଁ ଗୋଟିଏ ମୋବାଇଲ ପାଟ୍ରୋଲିଂ ପାର୍ଟି ନିୟୋଜିତ ହୋଇଛି। ଜିଲା ପରିଷଦ ଜୋନ୍-୧ର ୮୦ ୱାର୍ଡରେ ୨୪, ୩୩୫ ଓ ଜୋନ୍-୨ର ୬୧ ୱାର୍ଡରେ ୨୦,୩୧୩ ଜଣ ଭୋଟର ଅଛନ୍ତି। ବ୍ଲକର ୧୪୧ ବୁଥ୍‌ରୁ ୨୦ଟିକୁ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଜଣେ ମାଜିଷ୍ଟ୍ରେଟ, ଜଣେ ନୋଡାଲ ଅଧିକାରୀ ଓ ଜଣେ ନିର୍ବାଚନ ଅଧିକାରୀଙ୍କ ସହ ୧୨ ଜଣ ସେକ୍ଟର ଅଧିକାରୀଙ୍କୁ ନିର୍ବାଚନ ସୁପରଭାଇଜିଂ ଦାୟିତ୍ୱ ମିଳିଛି। ଜିଲା ପରିଷଦ ଜୋନ୍-୧ ଓ ୨ରେ ୪ ଜଣ ଲେଖାଏ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବ୍ଲକରେ ୧୨ଟି ସମିତିସଭ୍ୟ ଆସନରେ ୩୪ ଜଣ ଓ ୧୨ ସରପଞ୍ଚ ଆସନରେ ୩୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୧୪୧ଟି ୱାର୍ଡ ସଭ୍ୟ ପଦରୁ ମେଦନା ପଞ୍ଚାୟତର ୧୦ନଂ ୱାର୍ଡରେ ପ୍ରାର୍ଥିପତ୍ର ଦାଖଲ ହୋଇନାହିଁ। ୭୫ ଜଣ ୱାର୍ଡ ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଅନ୍ୟ ୬୫ ୱାର୍ଡ ପାଇଁ ୧୪୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

# ମାଥିଲି, ପଡିଆ ବ୍ଲକରେ ମତଦାନ ଶେଷ

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**

ମାଲକାନଗିରି,୨୦।୨ (ଡି.ଏନ.ଏ.)

ରବିବାର ଥିଲା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ମତଦାନ। ମାଲକାନଗିରି ଜିଲାର ମାଥିଲି ବ୍ଲକର ୩ଟି ଓ ପଡିଆ ବ୍ଲକର ଗୋଟିଏ ଜିଲା ପରିଷଦ ଆସନ ପାଇଁ ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି। ଏହି ୨ଟି ବ୍ଲକରେ ମୋଟ ଭୋଟରଙ୍କ ସଂଖ୍ୟା ରହିଛି ୯୫,୬୬୦। ମାଥିଲି ବ୍ଲକରେ ୭୬.୫୮ ପ୍ରତିଶତ ଓ ପଡିଆ ବ୍ଲକରେ ୭୪.୪୨ ପ୍ରତିଶତ ମତଦାନ ହୋଇଛି। ମାଥିଲି ବ୍ଲକ ସଦର ମହକୁମାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରତିଷ୍ଠା ହୋଇଥିବା ଆଦର୍ଶ ଗୋଲାପୀ ମତଦାନ କେନ୍ଦ୍ରରେ ଭୋଟରମାନଙ୍କୁ ସାନିଟାଇଜ କରାଯାଇ ଫୁଲ ଓ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଏହି ଦୁଇ ବ୍ଲକ ପାଇଁ ୩୬୯ଟି ବୁଥ୍ କରାଯାଇଥିବା ବେଳେ ସେଥିରୁ ୧୪ଟି ଅତି ସମ୍ବେଦନଶୀଳ ବୁଥ, ୧୧୧ଟି ସମ୍ବେଦନଶୀଳ ବୁଥ ଓ ୨୪୪ଟି ଅଣସମ୍ବେଦନଶୀଳ ବୁଥ ରୂପେ ଚିହ୍ନଟ ହୋଇଥିଲା। ନିର୍ବାଚନ କାର୍ଯ୍ୟ ପରିଚାଳନା ପାଇଁ ୧୧୦୭ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ୧୪ ଜଣ ଜିଲା ପରିଷଦ ସଦସ୍ୟ, ୮୪ ଜଣ ସରପଞ୍ଚ, ୮୦ ଜଣ ସମିତିସଭ୍ୟ ଓ ୧୮୯ ଜଣ ୱାର୍ଡମେମ୍ବରଙ୍କ ଭାଗ୍ୟ ଭୋଟରମାନେ ନିର୍ଦ୍ଧାରଣ କରିଛନ୍ତି। ତେବେ କୌଣସି ପ୍ରକାର ହିଂସାକୁ ଏଡାଇବାକୁ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁ କହିଛନ୍ତି।



ମାଥିଲି ଗୋଲାପୀ କେନ୍ଦ୍ରରେ ମତଦାନ ଲାଗି ମହିଳାଙ୍କ ଭିଡ଼।

## ମାଲକାନଗିରି ଗସ୍ତ କରି ନିର୍ବାଚନ ତଦାରଖ କଲେ ଡିଆଇଜି

ମାଲକାନଗିରି,୨୦।୨ (ଡି.ଏନ.ଏ.)

ମାଲକାନଗିରି ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଜାରି ରହିଥିବା ବେଳେ ରବିବାର ଦକ୍ଷିଣପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ଜିଲାକୁ ଗସ୍ତ କରି ନିର୍ବାଚନ କାର୍ଯ୍ୟ ତଦାରଖ କରିଛନ୍ତି। ସେ ମାଥିଲି ବ୍ଲକରେ ନିର୍ବାଚନ ସ୍ଥିତି ସମୀକ୍ଷା କରିଥିଲେ। ପଡିଆ ବ୍ଲକର ମାଟେରୁ, ବାପନପାଲି , ମାଥିଲି ବ୍ଲକର ସାଲିମି, ମହୁପଦର, ଟେମୁରପାଲକୁ ସେ ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ ମାଲକାନଗିରି ଏସ୍‌ପି ନିତେସ ୱାଧୱାନିଙ୍କ ସହ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବାଇକ୍ ଦୁର୍ଘଟଣାରେ ୩ ଗୁରୁତର

ମାଲକାନଗିରି,୨୦।୨ (ଡି.ଏନ.ଏ.)– ମାଲକାନଗିରି ଜିଲା ଡୁମୁଷାପାଲି ଗ୍ରାମ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ରବିବାର ୩ ଜଣ ଗୁରୁତର ହୋଇଛନ୍ତି। ଡୁମୁଷାପାଲି ଗ୍ରାମ ରାସ୍ତା ଦେଇ ଏକ ବାଇକ୍‌ରେ ଯାଉଥିବା ୩ଜର ଆରୋହୀ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ତୃତୀୟ ପର୍ଯ୍ୟାୟରେ ୮୪ ପ୍ରତିଶତ ମତଦାନ

କୋରାପୁଟ,୨୦।୨(ସ୍ୱ.ପ୍ର.)– ତୃତୀୟ ପର୍ଯ୍ୟାୟରେ କୋରାପୁଟ ଜିଲାର ନନ୍ଦପୁର, ଲକ୍ଷ୍ମୀପୁର ଓ କୁନ୍ଦୁରା ଆଦି ୩ଟି ବ୍ଲକରେ ରବିବାର ହୋଇଥିବା ପଞ୍ଚାୟତ ନିର୍ବାଚନରେ ୮୪ ପ୍ରତିଶତ ମତଦାନ ହୋଇଥିବା ଜିଲାପାଳ ଅବଦାଲ ଏମ. ଅଖତାର ସୂଚନା ଦେଇଛନ୍ତି। କିଛି ଛୋଟମୋଟ ଘଟଣାକୁ ବାଦ ଦେଲେ ଜିଲାରେ ମତଦାନ ଶାନ୍ତିଶୃଙ୍ଖଳାର ସହ ହୋଇଛି ବୋଲି ସେ କହିଛନ୍ତି।

## ୪୦୧୭୭ ଭୋଟର ନିର୍ଦ୍ଧାରଣ କଲେ ୧୧୨ ପ୍ରାର୍ଥୀଙ୍କ ଭାଗ୍ୟ

**କୁନ୍ଦୁରାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ**

କୁନ୍ଦୁରା,୨୦।୨ (ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ରବିବାର ଅନୁଷ୍ଠିତ ହୋଇଯାଇଛି ତୃତୀୟ ପର୍ଯ୍ୟାୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ। ବ୍ଲକର ୧୬ଟି ପଞ୍ଚାୟତରେ ୮୪.୭୧ ପ୍ରତିଶତ ମତଦାନ ହୋଇଛି। ମୋଟ ୪୦୧୭୭ ଜଣ ମତଦାତା ଙ୍କ ମଧ୍ୟରୁ ୨୦୪୭୪ ମହିଳା ଭୋଟ ଦେଇଥିବା ବେଳେ ୧୯୭୦୩ ପୁରୁଷ ଭୋଟ ଦେଇଥିବା ସୂଚନା ମିଳିଛି। ପୋଲିସ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ହୋଇଥିଲା। ବ୍ଲକ ସଦର ମହକୁମାରେ ପିଙ୍କ୍ ବୁଥ୍‌ରେ ମଧ୍ୟ ଶାନ୍ତିଶୃଙ୍ଖଳାର ସହ ମତଦାନ ହୋଇଥିବା ଦେଖିବାକୁ ମିଳିଥିଲା। ୩୫ ଜଣ ସମିତି ସଭ୍ୟ, ୪୧ ସରପଞ୍ଚ, ୨୯ ୱାର୍ଡମେମ୍ବର ଏବଂ ୨ଟି ଜିଲା ପରିଷଦ ଜୋନ ପାଇଁ ପ୍ରାର୍ଥୀଙ୍କ ଭାଗ୍ୟ ବାଲଟ ବାକ୍ସରେ ଆବଦ୍ଧ ହୋଇଯାଇଛି। ସୂଚନାଯୋଗ୍ୟ, ଫୁଲଭଟ୍ଟା ସରପଞ୍ଚ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ରୂପେ ପୂର୍ବରୁ ନିର୍ବାଚିତ ହୋଇଛନ୍ତି।

## ଯୁବ କ୍ରିକେଟୟର ସଞ୍ଜୀୟଙ୍କ ପରଲୋକ

କୁଡୁମୁଲୁଗୁମ୍ମା/ମାଲକାନଗିରି, ୨୦।୨ (ଡି.ଏନ.ଏ.):



କୁଡୁମୁଲୁଗୁମ୍ମା ଗ୍ରାମର ଜଣେ ଜଣାଶୁଣା ଓ ଲୋକପ୍ରିୟ ଯୁବଖେଳାଳି ସଞ୍ଜୀୟ ବିଶ୍ୱାସଙ୍କ ପରଲୋକ ହୋଇଯାଇଛି। ଶନିବାର ରାତିରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସଞ୍ଜୀୟଙ୍କ ମୃତ୍ୟୁ ହୋଇଥିଲା।ରବିବାର ଏହି ଖବର ଜଣାପଡିବା ପରେ ବହୁଲୋକ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ସଞ୍ଜୀୟ ଜଣେ ଅତ୍ୟନ୍ତ ମେଳାପୀ ଥିଲେ। ସେ ଫୁଟବଲ, କ୍ରିକେଟ, ଭଲିବଲ, ବ୍ୟାଡମିଣ୍ଟନ ଆଦି ଖେଳରେ ବିଭିନ୍ନ ପଦକମାନ ଜିତି ଜିଲା ଏବଂ ରାଜ୍ୟକୁ ଗୌରବାନ୍ୱିତ କରିଥିଲେ। କେତେକ ଫୁଟବଲ ଓ କ୍ରିକେଟ ମ୍ୟାଚରେ ସେ ରେଫେରି ଦାୟିତ୍ୱ ତୁଲାଇଥିଲେ। ତାଙ୍କ ପାଇଁ ଅପରାହ୍ନ ୪ଟାରେ କୁଡୁମୁଲୁଗୁମ୍ମା ମିନି ଷ୍ଟାଡିୟମରେ ମା’ ଭୈରବୀ ସ୍ପୋର୍ଟ୍ସ କ୍ଲବ ସମସ୍ତ ସଦସ୍ୟ ମାନେ ସଞ୍ଜୀୟଙ୍କ ପାଇଁ ୧ ମିନିଟ ନୀରବ ପ୍ରାର୍ଥନା କରିଥିଲେ।

## ୩ କୁଇଣ୍ଟାଲ ୫୨ କେଜି ଗଞ୍ଜେଇ ଜବତ, ୩ ଗିରଫ

ମାଲକାନଗିରି/ଚିତ୍ରକୋଣ୍ଡା, ୨୦।୨ (ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ରବିବାର ୩ କୁଇଣ୍ଟାଲ ୫୨ କେଜି ୮ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡପଦର ଗ୍ରାମର ଅର୍ଜୁନ ଶିଶା, ଲବ ପାଙ୍ଗି ଏବଂ ଆନ୍ଧ୍ର ବିଶାଖାପାଟଣା ଜିଲା ସିଲେରୁ ଗ୍ରାମର କିଲୋ ସୁକ୍ରୁ। ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ବନଗୁରୁପଡା ନିକଟରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଭୋର ସମୟରେ ଏକ ଅଟୋକୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ଯାଞ୍ଚ ବେଳେ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଜବତ ଗଞ୍ଜେଇର ବଜାର ମୂଲ୍ୟ ୨୦ ଲକ୍ଷ୍ୟ ଟଙ୍କା ହେବ। ଅଭିଯୁକ୍ତଙ୍କଠାରୁ ୬୮୭୦ ଟଙ୍କା, ୩ ମୋବାଇଲ ଫୋନ ଓ ଆଧାରକାର୍ଡ ଜବତ ହୋଇଛି। ଗିରଫ ପରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଆନ୍ଧ୍ରର ଦାରକୋଣ୍ଡା ଅଞ୍ଚଳକୁ ଏହି ଗଞ୍ଜେଇ ଚାଲାଣ କରାଯାଉଥିଲା ବୋଲି ଚିତ୍ରକୋଣ୍ଡା ଥାନା ଅଧିକାରୀ କହିଛନ୍ତି।



ଜବତ ଗଞ୍ଜେଇ ଏବଂ ଗିରଫ ୩ ଅଭିଯୁକ୍ତ।

## ଚାଷୀଙ୍କ ମାନବିକତା, ଆହତ ବିଲୁଆକୁ ଚିକିତ୍ସା କରାଇଲେ

ମାଲକାନଗିରି,୨୦।୨ (ଡି.ଏନ.ଏ.)

ମାଲକାନଗିରି ଜିଲା ପଦ୍ମଗିରି ଗ୍ରାମର ଚାଷୀ ଜଗଦୀଶ ବଞ୍ଜାରା ରବିବାର ମାନବିକତା ଦେଖାଇ ଏକ ଅସୁସ୍ଥ ବିଲୁଆ ଛୁଆକୁ ଉଦ୍ଧାର କରି ଚିକିତ୍ସା କରିଛନ୍ତି। ଜଗଦୀଶ ନିଜ ଜମିରେ ହିଡ ବନ୍ଧା କାମ କରୁଥିବାବେଳେ ହିଡ ତଳେ ଏକ ଅସୁସ୍ଥ ବିଲୁଆ ଛୁଆ ଗୁରୁତର ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ସେଠାରୁ ସେ ଏହାକୁ ଧରିନେଇ ପଦ୍ମଗିରି ପ୍ରାଣୀ ଚିକିତ୍ସାଳୟକୁ ନେଇଥିଲେ। କିଛି ସମୟ ପରେ ବିଲୁଆଟି ସୁସ୍ଥ ହେବା ପରେ ତାକୁ ଜଙ୍ଗଲରେ ଛାଡି ଦେବାକୁ ଗ୍ରାମବାସୀ ତାଙ୍କୁ ପରାମର୍ଶ ଦେଇଥିଲେ। ମାତ୍ର ଜଗଦୀଶ ଏହାକୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ନିଜ ପାଖରେ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ତାଙ୍କର ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।



## ଅଟୋ ଧକ୍କାରେ ଯୁବକ ଗୁରୁତର

ନାରାୟଣପାଟଣା, ୨୦।୨(ଡି.ଏନ.ଏ.)

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ କେ. ଜାଗୁଗୁଡା ପଞ୍ଚାୟତ ରାଙ୍ଗମଗୁଡା ଗ୍ରାମର ଡୁମୁରି ଗୁଣ୍ଟକା (୩୨) ସାପ୍ତାହିକ ହାଟ ସାରି ଘରକୁ ଫେରୁଥିବା ବେଳେ କତାଗୁଡା ଗ୍ରାମ ନିକଟରେ ଏକ ଅଟୋ ତାଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ଘଟାଇ ଅଟୋ ଚାଳକ ଜୟରାମ ମେଲେକା ଫେରାର ହୋଇଯାଇଛନ୍ତି। ଏନେଇ ବନ୍ଧୁଗାଁ ଥାନାରେ ଅଭିଯୋଗ ହୋଇଛି।

## ଘାଟିରେ ଓଲଟିଲା ଗ୍ୟାସ ବୋଝେଇ ଟ୍ୟାଙ୍କର

ଜୟପୁର, ୨୦।୨। (ନି.ପ୍ର.)

୨୬ ନଂ. ଜାତୀୟ ରାଜପଥର ଜୟପୁର ଘାଟିରେ ଭାରସାମ୍ୟ ହରାଇ ଏକ ଏଲପିଜି ଗ୍ୟାସ ବୋଝେଇ ଟ୍ୟାଙ୍କର ରବିବାର ଓଲଟିପଡିଛି। ଟ୍ୟାଙ୍କରଟି ବିଶାଖାପାଟଣାରୁ ଗ୍ୟାସ ବୋଝେଇ କରି ରାୟପୁର ଯାଉଥିଲା। ଏଥିରେ ଟ୍ୟାଙ୍କର ଡ୍ରାଇଭର ଆହତ ହୋଇଛନ୍ତି। ଖବରପାଇ ଘଟଣା ସ୍ଥଳରେ ଜୟପୁର ଦମକଳ ବାହିନୀ, ସଦର ପୋଲିସ ପହଞ୍ଚି କ୍ରେନ ଲଗାଇ ଟ୍ୟାଙ୍କରକୁ ଉଠାଇଥିଲେ। ପରେ ଏହି ରାସ୍ତାରେ ଗାଡିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା।



## ସ୍ଥିତି ବଜାୟ ରଖିବାକୁ ଭାଜପାର ପ୍ରୟାସ

- ଉମରକୋଟ ୨ ନଂ. ଜିଲା ପରିଷଦ ଜୋନ୍
- ଗଡ଼ ଫେରିପାଇବା ଲକ୍ଷ୍ୟରେ ବିଜେଡି, ବିଜୟ ଆଶାରେ କଂଗ୍ରେସ

ଉମରକୋଟ,୨୦।୨(ସ୍ୱ.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଦୁଇଟି ପର୍ଯ୍ୟାୟ ଭୋଟ ଗ୍ରହଣ ସରିଛି। ରବିବାର ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ହେବ। ଚତୁର୍ଥ ଓ ପଞ୍ଚମ ପର୍ଯ୍ୟାୟ ପାଇଁ ପ୍ରାର୍ଥୀଙ୍କ ପ୍ରଚାର ଜୋର୍‌ଦାର ଚାଲିଛି। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକରେ ୨୪ରେ ଭୋଟ ଗ୍ରହଣ ହେବ। ଭୋଟ ହାତେଇବାକୁ ପ୍ରାର୍ଥୀ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ବ୍ଲକର ୩ ଜିଲା ପରିଷଦ ଆସନ ମଧ୍ୟରୁ ୨ ନମ୍ବର ଜୋନ୍ ଏବେ ସମସ୍ତଙ୍କ ନଜରରେ। ଏଠାରେ କିଏ ବାଜି ମାରିବ ତାହାକୁ ନେଇ କଳ୍ପନାଜଳ୍ପନା ଲାଗିରହିଛି।

ବଡ଼କୁମାରୀ, ବୁର୍ଜା, ଚିକଲାପଦର, ସେମଳା, ସୁନାବେଡ଼ା, କୁର୍ସି, ତୋହରା, ଅଞ୍ଚଳା ଏବଂ ଖାଣ୍ଡା ପଞ୍ଚାୟତକୁ ନେଇ ଗଠିତ ଏହି ଜୋନ୍‌ରେ ଏବେ ବିଜେଡି, ଭାଜପା ଆଗ ପଛ ହୋଇ ରହିଛନ୍ତି। କଂଗ୍ରେସ ସାମାନ୍ୟ ପଛରେ ପଡ଼ିଥିବା ରାଜନୈତିକ ବିଶେଷଜ୍ଞଙ୍କ ମଧ୍ୟରେ ମତପ୍ରକାଶ ପାଉଛି। ୨୦୧୭ ନିର୍ବାଚନରେ ଉମରକୋଟର ଏହି ଜିଲା ପରିଷଦ ଜୋନ୍‌କୁ ବିଜେଡି ହାତରୁ ଛଡ଼ାଇ ନେଇଥିଲା ଭାଜପା। ଭଜନାଥ ଗଣ୍ଡ ୧୧,୪୬୨ ଭୋଟ ପାଇ ବିଜେଡିର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧୭୮୪ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ। ଏହା ମଧ୍ୟରେ ୫ବର୍ଷ ବିତିଯାଇଛି। କେତେକ ଅଞ୍ଚଳରେ ବିକାଶ ପହଞ୍ଚିଥିବାବେଳେ ଅନ୍ୟ କେତେକ ଅଞ୍ଚଳ ଏବେ ମଧ ସରକାରୀ ଯୋଜନାରୁ ବଞ୍ଚିତ ରହିଛି। ଚଳିତ ନିର୍ବାଚନରେ ଏହି ଆସନ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ପ୍ରମୁଖ ୩ ରାଜନୈତିକ ଦଳ ଭାଜପା, ବିଜେଡି ଏବଂ କଂଗ୍ରେସ ଏଠାରେ ନୂତନ ପ୍ରାର୍ଥୀଙ୍କୁ ନେଇ ମଇଦାନକୁ ଓହ୍ଲାଇଛନ୍ତି। ଭାଜପା ପକ୍ଷରୁ ଜ୍ୟୋତ୍ସ୍ନାରାଣୀ ବିଶ୍ୱାସ, ବିଜେଡିରୁ ଛାୟା ବିଶ୍ୱାସ ଏବଂ କଂଗ୍ରେସରୁ ଦୀପା ରାୟ ପ୍ରାର୍ଥୀ ହୋଇଛି।

ଭାଜପା ପାଇଁ ଏହି ଜୋନ୍ ଏବେ ସମ୍ମାନର ପ୍ରଶ୍ନ ହୋଇଛି। ପୁଣି ଆସନ ଅକ୍ତିଆର କରି ସମ୍ମାନ ବଞ୍ଚାଇବା ପାଇଁ ଦଳ ଚେଷ୍ଟା ଚଳାଇଛି। ବିଧାୟକଙ୍କ ନିର୍ମଳ ଭାବମୂର୍ତ୍ତି, ଲୋକ ସମ୍ପର୍କ ଓ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ଯଥା ଉମରକୋଟ ଅଞ୍ଚଳରେ ମକାଚାଷୀଙ୍କ ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିବା ଇଥାନଲ ପ୍ଲାଣ୍ଟ, ୬ ଲାଇନ ବିଶିଷ୍ଟ ଭାରତମାଳା ପ୍ରୋଜେକ୍ଟ ସମେତ ବିଭିନ୍ନ ଯୋଜନାକୁ ନେଇ ଦଳ ନିର୍ବାଚନ ବୈତରଣୀ ପାରହେବାକୁ ଲକ୍ଷ୍ୟ ରଖିଛି। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ନିଜେ ଦଳୀୟ ପ୍ରାର୍ଥିନୀ ଜ୍ୟୋତ୍ସ୍ନାରାଣୀଙ୍କୁ ନେଇ ବିଭିନ୍ନ ସ୍ଥାନରେ ସଭା ସମିତି, ରୋଡ୍ ଶୋ’ କରି ପ୍ରଚାର କରୁଛନ୍ତି। ସେହିପରି ବିଜେଡି ମଧ ଗଡ଼ ଫେରି ପାଇବା ପାଇଁ ଲାଗି ପଡ଼ିଥିବାବେଳେ ନବରଙ୍ଗପୁର ଏମ୍‌ପିଙ୍କ ନିର୍ମଳ ଭାବମୂର୍ତ୍ତି, ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଶାସନ ଏବଂ ଲୋକାଭିମୁଖୀ ଯୋଜନାକୁ ଦଳ ଅସ୍ତ୍ର କରିଛି। ଜିଲା ବିଜେଡି ସଭାପତି ତଥା ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଦଳର ପ୍ରଚାର ମଙ୍ଗ ଧରି ଦଳୀୟ ପ୍ରାର୍ଥିନୀ ଛାୟା ବିଶ୍ୱାସଙ୍କ ପାଇଁ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ଗତ ନିର୍ବାଚନର କିଛି ଭୁଲ୍ ଯୋଗୁ ଆସନ ହାତରୁ ଖସିଯାଇଥିଲା। ଏଥର ସଙ୍ଗଠନ ଅଧିକ ମଜଭୁତ ହେବା ସହ ଲୋକଙ୍କ ନିକଟତର ହେବାରେ ସଫଳ ହୋଇଥିବାରୁ ଆସନ ବିଜେଡି କବ୍‌ଜାକୁ ଆସିବ ବୋଲି ଏମ୍‌ପି କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଏହି ଆସନକୁ ହାତେଇ ନିଜର ପୂର୍ବ ଗୌରବ ଫେରି ପାଇବା ପାଇଁ ଉଦ୍ୟମ ଜାରି ରଖିଛି। ସ୍ଥାନୀୟ ସମସ୍ୟା ସହ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ କେନ୍ଦ୍ର ସରକାରଙ୍କ ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ବିଷୟରେ ଲୋକଙ୍କୁ ସଚେତନ କରି ଭୋଟରଙ୍କୁ ନିଜ ପକ୍ଷ କରିବାକୁ ଆଶା ରଖିଛି। ଦଳୀୟ ପ୍ରାର୍ଥିନୀ ଦୀପା ରାୟଙ୍କ ସପକ୍ଷରେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, କଂଗ୍ରେସ ସାଧାରଣ ସମ୍ପାଦକ ବାବୁଲା ପଟ୍ଟନାୟକ, ଶଙ୍କର ଦେଙ୍କ ସମେତ ଅମୂଲ୍ୟ ପଟ୍ଟନାୟକ, ମାର୍କଣ୍ଡ ସାହୁ, କୁନା ନାୟକ ପ୍ରମୁଖ ପ୍ରଚାର ଦାୟିତ୍ୱ ନେଇଛନ୍ତି। ତେବେ ୩୯,୭୪୫ ଭୋଟରଙ୍କୁ ନେଇ ଗଠିତ ଏହି ଜୋନ୍‌ରେ ବିଶେଷକରି ବିଜେଡି ଏବଂ ଭାଜପା ମଧ୍ୟରେ ଲଢ଼େଇ ଜୋର୍‌ଦାର ହେବ ବୋଲି ଅନୁମାନ କରାଯାଉଛି। ୩ ପ୍ରାର୍ଥିନୀଙ୍କ ମଧ୍ୟରୁ କିଏ ଭୋଟରଙ୍କ ବିଶ୍ୱାସ ଜିଣି ଆସନ ହାତେଇବାରେ ସଫଳ ହେଉଛନ୍ତି ତାହା ନିର୍ବାଚନ ଫଳାଫଳ ସ୍ପଷ୍ଟ କରିବ।

## ନାଲକୋରେ ଉତ୍ପାଦକତା ସପ୍ତାହ ଉଦ୍‌ଯାପିତ

ଦାମନଯୋଡି,୨୦।୨(ଡି.ଏନ.ଏ.)

ନାଲକୋ ଖଣି ଓ ବିଶୋଧନ ପ୍ରକଳ୍ପ ପରିସରରେ ଚାଲିଥିବା ଉତ୍ପାଦକତା ସପ୍ତାହ କାର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଅଭିଯାନ୍ତ୍ରିକ ବିଭାଗ ଦ୍ୱାରା ଅୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ମୁଖ୍ୟ ଶାସନସଚିବଙ୍କ ଓଏସ୍‌ଡି ଦିଲୀପ ରାଉତରାୟ ମୁଖ୍ୟଅତିଥି, ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ, ସମୂହ ମହାପ୍ରବନ୍ଧକ ଏସ.କେ.ପାଢ଼ୀ, ଭୀମସେନ ପ୍ରଧାନ, ଆର୍. ୱାରିସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କର୍ମଶାଳାରେ ବି.କେ.ଦାଶ ଉତ୍ପାଦକତାର ଅଭିବୃଦ୍ଧି ପ୍ରସଙ୍ଗରେ ଏକ ସନ୍ଦର୍ଭ ଉପସ୍ଥାପନା କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କନିଷ୍ଠ ପ୍ରବନ୍ଧକ ଅନୁରାଧା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପ ମହାପ୍ରବନ୍ଧକ ଏସକେ ନାଥ ଧନ୍ୟବାଦ ଦେଇଥିଲେ।



କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

## ଭୋଟ ବର୍ଜନ କଲେ ନନ୍ଦପୁର ବ୍ଲକ ଯୋଗିପୁଟ ଗ୍ରାମବାସୀ

କୋରାପୁଟ,୨୦।୨(ସ୍ୱ.ପ୍ର.)

ନନ୍ଦପୁର ବ୍ଲକର ଯୋଗିପୁଟ ଗ୍ରାମବାସୀ ରବିବାର ଅନୁଷ୍ଠିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନିଜ ମତଦାନକୁ ବର୍ଜନ କରିଛନ୍ତି। ଗ୍ରାମକୁ ରାସ୍ତା,ପାନୀୟଜଳ ଓ ନେଟ୍‌ୱର୍କ ବ୍ୟବସ୍ଥା ନାହିଁ ତ ଭୋଟ ନାହିଁ ବୋଲି ପ୍ରକାଶ କରି ସେମାନେ ଏହି ଭୋଟ ବର୍ଜନ କରିଛନ୍ତି। ଦୀର୍ଘ ବର୍ଷ ହେଲା ଏହି ବ୍ଲକର ଖୁର୍ଜି ପଞ୍ଚାୟତର ଯୋଗିପୁଟ ଗ୍ରାମରେ ଉପରୋକ୍ତ ସମସ୍ୟା ଲାଗିରହିଛି। ଗ୍ରାମବାସୀ ଏନେଇ ବହୁବାର ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନକୁ ଜଣାଇବା ସତ୍ତ୍ୱେ କିଛି ସୁଫଳ ନ ମିଳିବାରୁ ସେମାନେ ପଞ୍ଚାୟତ ନିର୍ବାଚନକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇ ମତଦାନ କେନ୍ଦ୍ର ସମ୍ମୁଖରେ ଧାରଣା ଦେଇଥିଲେ। ଖବର ପାଇ ଘଟଣା ସ୍ଥଳରେ ଉପଜିଲାପାଳ ଲଳିତ କୁମାର କହଁର, ନନ୍ଦପୁର ତହସିଲଦାର, ଏସଡିପିଓ ସଞ୍ଜୟ ମହାପାତ୍ର, ପଟ୍ଟାଙ୍ଗି ବ୍ଲକର ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଗ୍ରାମବାସୀ ନିଜ ଜିଦରେ ଅଟଳ ରହିଥିଲେ । ଫଳରେ ଏଠାରେ ଅଧିକାରୀମାନେ ନିରାଶରେ ଫେରିଥିଲେ।



ମତଦାନକେନ୍ଦ୍ର ସମ୍ମୁଖରେ ଧାରଣାରେ ବସିଥିବା ଗ୍ରାମବାସୀ।

